# NATIONAL NEWS BULLETIN (ODIA)

**11 June - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ନୀତି ଆୟୋଗର ଏକାଦଶତମ ପରିଚାଳନା ପରିଷଦ ବୈଠକ ।

- କୃଷକମାନେ ହେଉଛି ଦେଶର ଖାଦ୍ୟସୁରକ୍ଷା, ପୁଷ୍ଟିସାର ଓ ସମୃଦ୍ଧିର ମୂଳଦୁଆ - କହିଲେ ପ୍ରଧାନମନ୍ତ୍ରୀ ।

- ଦେଶର ସୀମାବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ଆକାଶବାଣୀ ଓ ଦୂରଦର୍ଶନର ପ୍ରସାରଣକୁ ଅଧିକ ସଶକ୍ତ କରିବା ପାଇଁ ଗ୍ରହଣ କରାଯାଉଛି ସ୍ୱତନ୍ତ୍ର ବ୍ୟବସ୍ଥା - କହିଲେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ।

- କେତେକ ସ୍ୱତନ୍ତ୍ର ବର୍ଗର ଇଥାନଲ ମିଶ୍ରିତ ପେଟ୍ରୋଲ ଉପରେ ଛାଡ ହେଲା କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ।

ଏବଂ

- ଆଜିଠାରୁ ଆରମ୍ଭ ହେଉଛି ୨୦୨୬ ଫିଫା ବିଶ୍ୱକପ୍ ପ୍ରତିଯୋଗିତା ।

# ପିଏମ୍-ନୀତି ଆୟୋଗ

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୀତି ଆୟୋଗର ଏକାଦଶତମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହେଉଛି । ଉଦ୍ୟୋଗ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା, ଦକ୍ଷତା ବୃଦ୍ଧି ଏବଂ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି ଆଦି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯାଉଛି । ଏକ ସମ୍ମିଳିତ କାର୍ଯ୍ୟାନ୍ୱୟନ ରୂପରେଖ ପ୍ରସ୍ତୁତ ନେଇ ବୈଠକରେ ଧ୍ୟାନ କେନ୍ଦ୍ରୀଭୂତ ହେବାର ଆଶା ରହିଛି । ସ୍ୱଚ୍ଛ ପ୍ରଶାସନ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଭାଗିତା ଆଦି ବିଭିନ୍ନ କ୍ଷେତ୍ରରେ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟକାରୀତା ନେଇ ବୈଠକରେ ମତ ବିନିମୟ ହେବାର ସମ୍ଭାବନା ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଦେଶର ବିକାଶ ଯାତ୍ରାକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ସମ୍ମିଳିତ ଉଦ୍ୟମ ଜାରି ରଖିଛନ୍ତି । ୨୦୪୭ ବିକଶିତ ଭାରତ ପାଇଁ ସମାବେଶୀମାନଙ୍କ ବିକାଶ ପ୍ରସଙ୍ଗରେ ଏହି ବୈଠକ ଅନୁଷ୍ଠିତ ହେଉଛି । ପ୍ରତ୍ୟେକ ଭାରତୀୟଙ୍କ କଲ୍ୟାଣ ଏବଂ ବିକାଶ ଉପରେ ଏହି ପ୍ରସଙ୍ଗ ଗୁରୁତ୍ୱ ପ୍ରଦାନ କରୁଛି । ପରିଚାଳନା ପରିଷଦର ଦୃଷ୍ଟିକୋଣକୁ ସାକାର କରିବା ଏବଂ ନାଗରିକଙ୍କ ପାଇଁ ସୁଫଳକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ବୈଠକରେ ବିଚାରବିମର୍ଷ ହେବାର ଆଶା କରାଯାଉଛି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ତଥା ଉପରାଜ୍ୟପାଳ ପ୍ରମୁଖ ବୈଠକରେ ଯୋଗଦେଇ ସମାବେଶୀ ବିକାଶ ଢ଼ାଞ୍ଚା ଉପରେ ମତ ବିନିମୟ କରୁଛନ୍ତି ।

# ପିଏମ୍ ଫାର୍ମସ ୱେଲଫେୟାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି କୃଷକମାନେ ହେଉଛନ୍ତି ଦେଶର ଖାଦ୍ୟସୁରକ୍ଷା, ପୁଷ୍ଟିସାର ଓ ସମୃଦ୍ଧିର ମୂଳଦୁଆ । ସରକାର କୃଷକ କଲ୍ୟାଣ କ୍ଷେତ୍ରକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରସଙ୍ଗ ଗୁଡ଼ିକ ମଧ୍ୟରେ ସ୍ଥାନିତ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କେତେକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ପିଏମ୍ କିଶାନ ସମ୍ମାନନିଧି ଯୋଜନା ଏବଂ ଫସଲବୀମା ଯୋଜନା ଭଳି ପଦକ୍ଷେପ ଚାଷୀଙ୍କ ଆୟକୁ ସୁରକ୍ଷା ପ୍ରଦାନ କରିବା ସହିତ କୃଷି କ୍ଷେତ୍ରକୁ ଅଧିକ ସଶକ୍ତ କରୁଛି । ପିଏମ୍ କୁସୁମ ଯୋଜନା ଚାଷୀଙ୍କୁ ସୌରଶକ୍ତି ସୁବିଧା ଆଧାରିତ ଚାଷକାର୍ଯ୍ୟ ପାଇଁ ସହାୟକ ହେଉଛି । ଏହାଦ୍ୱାରା ଖର୍ଚ୍ଚ ମଧ୍ୟ ହ୍ରାସ ପାଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି । କିଶାନ କ୍ରେଡିଟ କାର୍ଡ' ଋଣ ସହାୟତାକୁ ଅଧିକ ସହଜ କରିବା ଫଳରେ କୃଷିଜୀବୀ, ମତ୍ସ୍ୟଜୀବୀ ଏବଂ ପଶୁପାଳକ ଏହାର ସୁଫଳ ପାଇପାରୁଛନ୍ତି । ସରକାରଙ୍କ 'ବିହନରୁ ବଜାର ପର୍ଯ୍ୟନ୍ତ' ପଦକ୍ଷେପ କୃଷକଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଶ୍ରୀ ମୋଦୀ କହିଛନ୍ତି ଡ୍ରୋନ୍ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଏବଂ ଜୈବିକ ସାର ସହିତ ଜଡିତ ପଦକ୍ଷେପଗୁଡ଼ିକ ଫସଲ ଉତ୍ପାଦନରେ ବେସ୍ ସହାୟକ ହୋଇପାରୁଛି । ଚାଷୀଙ୍କୁ ଆଧୁନିକ କୃଷି ସୁବିଧା ପ୍ରଦାନ କରବିା ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦୀ ସଂସ୍କୃତର ଏକ ଉକ୍ତି ଉପରେ ଆଲୋକପାତ କରି କହିଛନ୍ତି ଜୀବିକା ନିର୍ବାହର ମାଧ୍ୟମ ସହ କୃଷି ସମାଜ ଏବଂ ରାଷ୍ଟ୍ରକୁ ପୁଷ୍ଟିସାର ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

# ବୈଷ୍ଣବ-ଜୟପୁର

କାଶ୍ମୀର ଠୁ କଚ୍ଛ ପର୍ଯ୍ୟନ୍ତ ଦେଶର ସୀମାନ୍ତବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ଆକାଶବାଣୀ ଏବଂ ଦୂରଦର୍ଶନର ପ୍ରସାରଣକୁ ଅଧିକ ସଶକ୍ତ କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ବିକଶିତ କରାଯାଉଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ରାଜସ୍ଥାନର ଜୈସେଲମେର ଜିଲ୍ଲା ଅନ୍ତର୍ଗତ ରାମଗଡ ଠାରେ ଏକ ୨୦ କିଲୋୱାଟ ଏଫ୍‌ଏମ୍ ଟ୍ରାନ୍ସମିଟରକୁ ଉଦ୍‌ଘାଟନ କରି ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ଜୟପୁର ଆକାଶବାଣୀ କେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ବୈଷ୍ଣବ ଏହି ଟ୍ରାନ୍ସମିଟରକୁ ଉଦ୍‌ଘାଟନ କରିବା ସହ କହିଛନ୍ତି ସାମ୍ପ୍ରତିକ ପ୍ରଯୁକ୍ତି ବିଦ୍ୟା ଯୁଗରେ ରେଡ଼ିଓର ପ୍ରାସଙ୍ଗିକତା ବଜାୟ ରଖାଯିବା ଆବଶ୍ୟକ୍ । ଏଥିପାଇଁ ଡିଜିଟାଲ -ଫାଷ୍ଟ୍ ଏବଂ ହାଇପର-ଲୋକାଲ ପଦ୍ଧତିର ଆବଶ୍ୟକତା ଉପରେ ଶ୍ରୀ ବୈଷ୍ଣବ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସ୍ଥାନୀୟ କଳାକାରଙ୍କୁ ପ୍ରସାରଣ ପ୍ଲାଟଫର୍ମ ସହିତ ସାମିଲ କରିବାକୁ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆହ୍ୱାନ ଦେଇଛନ୍ତି । ଜୟପୁରଠାରେ ପ୍ରତିଷ୍ଠିତ ହେବାକୁ ଥିବା କୃତ୍ରିମ ବୁଦ୍ଧିମତା ଡାଟା ସେଣ୍ଟର ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ବୈଷ୍ଣବ ଭବିଷ୍ୟତର ପ୍ରଯୁକ୍ତି ବିଦ୍ୟା ଉପଯୋଗ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ରାଜସ୍ଥାନରେ ରେଳ ବିକାଶ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ କହିଛନ୍ତି ଇତିମଧ୍ୟରେ ଏ କ୍ଷେତ୍ର ପାଇଁ ପାଣ୍ଠି ଯୋଗାଣ ଯଥେଷ୍ଟ ବୃଦ୍ଧି ପାଇଛି । ଦେଶର ୪୫୦ଟି ଅମୃତ ଭାରତ ଷ୍ଟେସନ ମଧ୍ୟରୁ ୨୦୦ଟିର କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବାକୁ ଯାଉଛି ବୋଲି ଶ୍ରୀ ବୈଷ୍ଣବ ସୂଚନା ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ଜୟପୁର ସାଂସଦ ମଞ୍ଜୁ ଶର୍ମା, ପ୍ରସାରଭାରତୀ ଅଧ୍ୟକ୍ଷ ପ୍ରସୁନ୍ନ ଯୋଶୀ ଏବଂ ଆକାଶବାଣୀ ମହାନିର୍ଦ୍ଦେଶକ

ରାଜବୀ କୁମାର ଜୈନ୍ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ଶ୍ରୀ ବୈଷ୍ଣବ ଏମ୍.ଏନ୍.ଆଇ.ଟି ଜୟପୁର ଗସ୍ତ କରି କୃତ୍ରିମ ବୁଦ୍ଧିମତା, ସେମି କଣ୍ଡକ୍ଟର ଏବଂ କ୍ୱାଣ୍ଟମ ପ୍ରଯୁକ୍ତି ବିଦ୍ୟା ଆଧାରିତ ନୂତନ ମେକର ଲ୍ୟାବ୍ ଓ ଆନୁଷଙ୍ଗିକ ବ୍ୟବସ୍ଥାର ଉଦ୍‌ଘାଟନ କରରିଛନ୍ତି ।

## ଏକ୍ସାଇଜ୍ ଡ୍ୟୁଟି-ପେଟ୍ରୋଲ

କେତେକ ବର୍ଗର ଇଥାନଲ ମିଶ୍ରିତ ପେଟ୍ରୋଲ ଉପରେ ସରକାର ଉତ୍ପାଦ ଶୁଳ୍କ ଛାଡ କରିଛନ୍ତି । ଅର୍ଥ ମନ୍ତ୍ରଣାଳୟ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ ୨୨, ୨୫, ୨୭ ଏବଂ ୩୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲକୁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ମୁକ୍ତ କରାଯାଇଛି । ଏଭଳି ପଦକ୍ଷେପ ଦେଶରେ ଇଥାନଲ ମିଶ୍ରଣ ପେଟ୍ରୋଲ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ । ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସହ କାର୍ବନ ନିର୍ଗମନ ହ୍ରାସ ଏବଂ ଘରୋଇ କ୍ଷେତ୍ରରେ ଉତ୍ପାଦିତ ଇଥାନଲର ଚାହିଦା ବୃଦ୍ଧି ପାଇବାରେ ଏହି ପଦକ୍ଷେପ ସହାୟକ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ କହିଛି ।

## ଇରାନ୍-ୟୁଏସ୍

ହର୍ମୁଜ ପ୍ରଣାଳୀ ନିକଟରେ ଇରାନ୍‌ର ସାମରିକ ଭିତ୍ତିଭୂମି ଉପରେ ଆମେରିକାର କ୍ରମାଗତ ଆକ୍ରମଣ ପଶ୍ଚିମ ଏସିଆ କ୍ଷେତ୍ରରେ ଉତ୍ତେଜନା ପରିସ୍ଥିତିକୁ ଅଧିକ ବୃଦ୍ଧି କରିଛି । ଆତ୍ମରକ୍ଷା ଭାବେ ବର୍ଣ୍ଣନାକରି ଆମେରିକା ସେନା ଏହି ଆକ୍ରମଣ କରୁଛି । ଆମରେିକାର କେନ୍ଦ୍ରୀୟ କମାଣ୍ଡ ଏ ସମ୍ପର୍କରେ ସୂଚନା ଦେଇ କହିଛି ଦକ୍ଷିଣ ଇରାନ୍‌ରେ ବାୟୁ ପ୍ରତିରକ୍ଷା, ରାଡାର ଏବଂ ପର୍ଯ୍ୟବେକ୍ଷଣ ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆମେରିକା

ପକ୍ଷରୁ ଏହି ଆକ୍ରମଣ କରାଯାଇଛି । ସାମୁଦ୍ରିକ ପରିବହନ ନିରୀକ୍ଷଣ ପାଇଁ ବ୍ୟବହୃତ ଅଞ୍ଚଳଗୁଡ଼ିକୁ ମଧ୍ୟ ଆକ୍ରମଣ ପରିସୀମା ଭିତରେ ଅର୍ନ୍ତଭୁକ୍ତ କରାଯାଇଛି ବୋଲି କେନ୍ଦ୍ରୀୟ କମାଣ୍ଡ କହିଛି । ବନ୍ଦର ଆବାସ  କ୍ୱେସମ ଦ୍ୱୀପରେ ବିସ୍ଫୋରଣ ଘଟିଥିବା ଆମେରିକା କେନ୍ଦ୍ରୀୟ କମାଣ୍ଡ କହିଛି । ଏହାର ଜବାବରେ ଇରାନ୍ ପକ୍ଷରୁ ମଧ୍ୟ ଆମେରିକୀୟ ସାମରିକ ପ୍ରତିଷ୍ଠାନ ଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରିଛି । ହର୍ମୁଜ୍ ପ୍ରଣାଳୀକୁ ବାଣିଜ୍ୟିକ ପରିବହନ ପାଇଁ ବନ୍ଦ ରଖାଯାଇଥିବା ଇରାନ୍ ସାମରିକ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି । ସେହି ପଥ ଦେଇ ଗତିକରୁଥିବା ଜାହାଜ ଗୁଡ଼ିକୁ ଲକ୍ଷ୍ୟକରି ଆକ୍ରମଣ ହୋଇପାରେ ବୋଲି ଇରାନ୍ ଚେତାବନୀ ଦେଇଛି । ଅନ୍ୟପକ୍ଷରେ ଆମେରିକା' ଇରାନ୍‌ର ଏହି ଚେତାବନୀକୁ ଖଣ୍ଡନ କରି କହିଛି ହର୍ମୁଜ ପ୍ରଣାଳୀ ଦେଇ ବାଣିଜ୍ୟିକ ପରିବହନ ଜାରି ରହିଛି ।

ସାମ୍ପ୍ରତିକ ମୁକାବିଲା ପରିସ୍ଥିତି ଏବେ ଇରାନ୍‌ର ସୀମା ବାହାର ଅଞ୍ଚଳକୁ ମଧ୍ୟ ବ୍ୟାପିବାରେ ଲାଗିଛି । ବାହାରିନ୍, କ୍ୱେତ୍ ଏବଂଜୋର୍ଡାନରେ ଥିବା ଆମରେିକୀୟ ଘାଟୀଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିବା ଇରାନ୍‌ର ଇସଲାମିକ ରେଭଲୁସନାରୀ ଗାର୍ଡ କର୍ପସ ଦାବି କରିଛି ।

---

## ଇ-ଶ୍ରମ

ଦେଶରେ ଶ୍ରମକ୍ଷେତ୍ର ଅନୁପାଳନକୁ ସରଳ କରିବା, ଶ୍ରମିକ କଲ୍ୟାଣକୁ ଅଧିକ ସଶକ୍ତ କରିବା ଏବଂ ଏକ ଆଧୁନିକ ତଥା ସ୍ୱଚ୍ଛ ଶ୍ରମ ଇକୋ ସିଷ୍ଟମ ସୃଷ୍ଟି କରିବା ଲକ୍ଷ୍ୟ ନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ସ୍ୱିଜରଲ୍ୟାଣ୍ଡର ଜେନେଭାଠାରେ ଗତକାଲି ଆନ୍ତର୍ଜାତିକ ଶ୍ରମ ସମ୍ମିଳନୀକୁ ପୂର୍ଣ୍ଣାଙ୍ଗ ଅଧିବେଶନକୁ ସମ୍ବୋଧନ କରି ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ

ଶୋଭା କରନ୍ଦଲାଜେ କହିଛନ୍ତି ୨୯ଟି କେନ୍ଦ୍ରୀୟ ଶ୍ରମ ଆଇନ୍‌କୁ ଏକୀକୃତ କରି ୪ଟି ଶ୍ରମ କୋର୍ଡ ପ୍ରସ୍ତୁତ କରାଯାଇଛି । ଫଳରେ ଦେଶରେ ଶ୍ରମ କ୍ଷେତ୍ରରେ ବ୍ୟାପକ ସଂସ୍କାର ହୋଇଛି । ଏହି ଅବସରରେ ରାଷ୍ଟ୍ରମନ୍ତ୍ରୀ କରନ୍ଦଲାଜେ ଜାତୀୟ କ୍ୟାରିୟର ସେବା ପୋର୍ଟାଲ ଏବଂ ଇ-ଶ୍ରମ ପୋର୍ଟାଲ ମାଧ୍ୟମରେ ଶ୍ରମ ଓ ନିଯୁକ୍ତି କ୍ଷେତ୍ରରେ ହୋଇଥିବା ଡିଜିଟାଲ ଆଧାରିତ ସାର୍ବଜନୀନ ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କରିଛନ୍ତି ।

## ରେଲୱେ ସେଫ୍ଟି

ଭାରତୀୟ ରେଳବାଇ ରେଳ ଷ୍ଟେସନଗୁଡ଼ିକରେ ଯାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ ଆରମ୍ଭ କରିଛି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ବର୍ତ୍ତମାନ ଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥାର ମୂଲ୍ୟାଙ୍କନ କରିବା ଏବଂ ଯାତ୍ରୀ ସୁରକ୍ଷା ବୃଦ୍ଧି ଓ ରେଳ ସମ୍ପତ୍ତିର ସୁରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ।

ରେଳ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଷ୍ଟେସନ କୋଠା, ବୈଦ୍ୟୁତିକ ସ୍ଥାପନ, ଏୟାର-କଣ୍ଡିସନିଂ ଏବଂ ବାୟୁ ଚଳାଚଳ ବ୍ୟବସ୍ଥା, ଜରୁରୀକାଳୀନ ପ୍ରସ୍ଥାନ ଏବଂ ଅଗ୍ନି ନିର୍ବାପନ ଉପକରଣ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଭିତ୍ତିଭୂମି ଗୁଡ଼ିକର ଯାଞ୍ଚ କରାଯିବ । ଯାଞ୍ଚ ପ୍ରକ୍ରିୟା ସମୟରେ ଚିହ୍ନଟ ହୋଇଥିବା ଯେକୌଣସି ତ୍ରୁଟିକୁ ତୁରନ୍ତ ସମାଧାନ କରାଯିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

ଅଗ୍ନି ନିରାପତ୍ତା ଯାଞ୍ଚ ପଦକ୍ଷେପ, ରେଳ ଷ୍ଟେସନଗୁଡ଼ିକରେ ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଜରୁରୀକାଳୀନ ପ୍ରସ୍ତୁତିକୁ ଉନ୍ନତ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

---

# ଫିଫା ୱାର୍ଲ୍ଡକପ୍

୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହେଉଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ମେକ୍ସିକୋ ଏବଂ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ । ମେକ୍ସିକୋ ସିଟିର ଐତିହାସିକ ଏଷ୍ଟାଡିଓ ଆଜ୍‌ଟେକାଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ରାତି ସାଢ଼େ ୧୨ଟାରେ ଆରମ୍ଭ ହେବ । ଆମେରିକା, କାନାଡ଼ା ଏବଂ ମେକ୍ସିକୋ ମିଳିତ ଭାବେ ଚଳିତବର୍ଷ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାର ଆୟୋଜନ କରୁଛନ୍ତି । ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଚଳିତବର୍ଷ ସବୁଠାରୁ ଅଧିକ ୪୮ଟି ଦେଶ ଅଂଶଗ୍ରହଣ କରୁଛନ୍ତି । ମୋଟ୍ ୧୦୪ଟି ମ୍ୟାଚ୍ ଖେଳାଯିବ । ସେଥିରେ ୭୨ଟି ଗ୍ରୁପ୍ ର୍ପର୍ଯ୍ୟାୟ ୩୨ଟି ନକ୍‌ଆଉଟ୍ ପର୍ଯ୍ୟାୟ ମ୍ୟାଚ୍ ଅନ୍ତର୍ଭୁକ୍ତ । ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକୁ ୧୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଏପର୍ଯ୍ୟନ୍ତ ବିଶ୍ୱର ୮ଟି ଦେଶ ବିଶ୍ୱକପ୍ ଟାଇଟଲ ହାସଲକରିପାରିଛନ୍ତି । ସେଗୁଡ଼ିକ ହେଲା ବ୍ରାଜିଲ୍, ଇଟାଲୀ, ଜର୍ମାନୀ, ସ୍ପେନ୍, ଆର୍ଜେଣ୍ଟିନା, ଇଂଲଣ୍ଡ, ଫ୍ରାନ୍ସ ଏବଂ ଉରୁଗୁଏ ।

---